# କବି ବାଞ୍ଛାନିଧି ଯେତେବେଳେ ଲେଖୁଥିଲେ

ଶ୍ରୀ ଲକ୍ଷ୍ମୀନାରାୟଣ ଦେ

ଭାରତ ଇଂରେଜ ଶାସିତ, ପରାଧୀନ । ପ୍ରାୟ ୯୨ ପ୍ରତିଶତ ଲୋକ ନିରକ୍ଷର । ସେବକାର କଥା ଆଜିକୁ କିମ୍ବଦନ୍ତୀ ପରି ଲାଗିବ । ସେତେବେଳର ଅନେକ  କଥା ସତ୍ୟ ହେଲେ ବି ଏବକାର ଲୋକଙ୍କର ଭାବନାର ବାହାରେ । ରାସ୍ତାଘାଟ ବିହୀନ ଗ୍ରାମର ଅଧିବାସୀମାନେ ଦେଶର ଅବସ୍ଥା ବିଷୟରେ ଅଚେତନ ଥାଇ କେବଳ ଉଦରସର୍ବସ୍ୱ ଭାବରେ କଳାତିପାତ କରୁଥିଲେ । ଶାସକ ଆଗକୁ ଯିବାର କାହାରି ସାହସ ନଥାଏ । ନାଲି ପଗୁଡ଼ିଆ(ପୋଲିସ) କୁ ଦେଖିଲେ ଲୁଗାପଟା ଖରାପ ହୋଇଯାଉଥିଲା । ସ୍ତ୍ରୀ ଲୋକମାନେ ଭୟରେ ଘରେ ଲୁଚୁଥିଲେ । କବି ବାଞ୍ଛାନିଧି ସେତେବେଳେ ଦେଶ ଓ ଜାତି ପାଇଁ ଲେଖୁଥିଲେ ।

ମୋର ସେତେବେଳକୁ ଛଅସାତ ବର୍ଷ । ଆମକୁ ଶାସନ କଣ ସ୍ୱରାଜ କଣ ଏହା ବାରିବାର ବୟସ ହୋଇନଥାଏ । ଶାସନ ବୋଇଲେ ଆମେ ପିତାମାତା ବା ଶିକ୍ଷକଙ୍କ ଶାସନ ବୁଝୁଥିଲୁ, କିନ୍ତୁ ସ୍ୱରାଜ କଣ ? ଚାରି ପାଞ୍ଚ ଖଣ୍ଡ ଗାଁରେ ବିଦ୍ୟାଳୟ ବା ଚାହାଳିଟିଏ ଥାଏ । ସେଠାକୁ ପଢିବାକୁ ଯାଉଁ, ପାଠ୍ୟ ମଧୁବାବୁଙ୍କ ବର୍ଣ୍ଣବୋଧ ଆଉ ଯୋଗ, ବିୟୋଗ, ଗୁଣନ ହରଣକୁ ନେଇ ଗଣିତ । ଆମ ଶିକ୍ଷକମାନେ ମାଇନର ବା ଭର୍ଣ୍ଣାକୁଲାର ପାଶ କରିଥାନ୍ତି । ତୃତୀୟ ଶ୍ରେଣୀରୁ ଟିକିଏ ଇଂରାଜୀ ଚାଖିବାକୁ ପଡ଼େ ବାପାଙ୍କ ପଇସା ଥିଲେ ହୁଏତ ପୁଅ ମାଇନର ସ୍କୁଲରେ ପଢିବ । ଭାଗ୍ୟରେ ଥିଲେ ହାକିମ ହେବ, କୋଟ ପ୍ୟାଣ୍ଟ ଟାଇ ପିନ୍ଧି କଳା ସାହେବ ହେବ । ଅର୍ଥାଭାବ କାରଣରୁ ଅଳ୍ପ ପିଲା କିନ୍ତୁ ମାଇନର ସ୍କୁଲ ଦେଖୁଥିଲେ ।

ଚଉଷଠି ପଇସାରେ ଏକ ଟଙ୍କା । ଏହି ଟଙ୍କାରେ ୨୪ସେର ଭଲ ଚାଉଳ । ଦୁଧ ସେର ଛଅ ପଇସା, ଘିଅ ସେର ଦଶଣା ବା ଚାଳିଶି ପଇସା । ୭ ହାତି ଲୁଗା ଖଣ୍ଡେ ସାତଅଣା । ବାଇଗଣ ଅଣାକୁ ୪/୫ ସେର, ଖାଇବା ତେଲ(ସୋରିଷ) ସେର ତିନି ଅଣାରୁ ସାଢେ ତିନିଅଣା । ମାଛ, ବିଲ, ନଈ, ପୋଖରୀରେ ଯାହାକୁ ଯେତେ । ଏତେ ପ୍ରାଚୁର୍ଯ୍ୟରେ ଅର୍ଥାଭାବ କାହିଁକି  ? ସ୍ୱର୍ଣ୍ଣପ୍ରସୂ ଭାରତ ପୁଣି ଅର୍ଥାଭାବ  ? ମୀନୋ ମସାନୀଙ୍କ ମତରେ ପାରାଡ଼କ୍ସ ହିଁ ଅର୍ଥାଭାବ କାରଣ କୃଷି ପ୍ରଧାନ ଭାରତରେ କୃଷିଜାତ ଦ୍ରବ୍ୟର ମୂଲ୍ୟ ଅତିନଗଣ୍ୟ ପୁଣି ରାସ୍ତାଘାଟ ଅଭାବରୁ ଉତ୍‌ପନ୍ନୀ ଅନ୍ୟତ୍ର ପରିବହନ କରାଯାଇପାରେନା । ଶିଳ୍ପ ବାଣିଜ୍ୟ ଅକତିଆର କରୁଥିଲେ ଆମ ଶାସକ ଇଂରେଜ । ଇଂଲଣ୍ଡୀୟ ବା ସାହେବମାନେ ଏ ଦେଶର କଲେକ୍ଟର, ଏସ.ପି. ଓ ସେନାଧ୍ୟକ୍ଷ । ପ୍ରାଥମିକ ସ୍କୁଲ ଅତିକ୍ରମ କଲେ ଇଂରାଜୀ ପାଠ ବାଧ୍ୟତାମୂଳକ ଓ ଇଂରାଜୀ ପଢିଲେ ଦୁପଟି, କିରାଣୀ ଅବା ଲୋକାଲ ଇଣ୍ଡିୟାନ୍ ଡ଼ାକ୍ତର । ପାଠୁଆ ଖୁବ୍ କମ, ପୁଣି ଯେତେ ପାଠ ପଢୁନା କାହିଁକି ଇଂରାଜୀ ପାଠ ନ ଜାଣିଲେ ସବୁ ଅସାର ?

ଗ୍ରାମ ବହୁଳ ଭାରତର ଗ୍ରାମବାସୀମାନେ କଠୋର ପରିଶ୍ରମ କରି ଗଣ୍ଡିଏ ଖାଆନ୍ତି, ଖଣ୍ଡିଏ ପିନ୍ଧନ୍ତି, କିନ୍ତୁ ବିବାହ ବ୍ରତ ପିତୃମାତୃକର୍ମ ଓ ଛୁଆକୁ ପଢାଇବାକୁ ହେଲେ ସାହୁକାରର ଶିକାର ହୁଅନ୍ତି । ପ୍ରତିବାଦର ସ୍ୱର ନାହିଁ, ଯେଉଁମାନେ ପାଠୁଆ ହେବେ ଇଂରାଜୀ ପାଠ ପଢିବାକୁ ଗଲେ, ଶିକ୍ଷାୟତନରୁ ଇଂରେଜ ସରକାରଙ୍କ ସ୍ତୁତିଗାନ କରିବାକୁ କବିତାମାନ ଅଭ୍ୟାସ କରି ବିଦ୍ୟାଳୟରେ ଓ ସରକାରୀ ଉତ୍ସବରେ ଗାନ କଲେ । ସେପରି ସ୍ତୁତି କବିତା ଗୋଟେ ଦିଟା ମନେପଡ଼େ-

ମହାରାଣୀ ଭିକ୍ଟୋରିଆଙ୍କ ବିଷୟରେ ଗାଉଥିଲୁ ଟୋଖି ରାଗରେ

ମା ନାମ ମହିମା ମହୀମଣ୍ଡଳେ<br>
ମା ନାମର ଶାନ୍ତି ତପନ ତଳେ<br>
ମା ନାମ ମାଧୁରୀ ମାନବ ପ୍ରାଣେ<br>
ଜ୍ୱଳନ୍ତ ଜୀବନ୍ତ ଧ୍ରୁବ ସମାନେ<br>
ଯାର ନାମେ ପ୍ରମାଣିତ ।<br>
ସେହି ମହାଦେବୀ ମାତା ଭିକ୍ଟୋରିଆ ଭବ ଧାମୁଁ ତିରୋହିତ ।

ଅଥବା ପଞ୍ଚମ ଜର୍ଜ ବିଷୟରେ

ଗାଅ ସର୍ବେ ହର୍ଷ ଭରେ ବାଜ ବାଦ୍ୟ ବାଜରେ<br>
ପୁରୁଷ ଉତ୍ତମ ଶ୍ରୀ ଜର୍ଜ ପଞ୍ଚମ ଆଜି ରାଜ ରାଜ୍ୟରେ<br>
ତରଳ କଲ୍ଲୋଳ ଲହରୀ ତୋଳି<br>
ମହୋଦଧି ଗାଉ ଜର୍ଜାମେରୀ<br>
ବନେ ବନେ ପିକ ସମାଜ ଗାଉ ମଧୁର କୁଜନ ବ୍ୟାଜରେ ।<br>
ସରଗରୁ ହେଉ କୁସୁମ ବୃଷ୍ଟି ପଡୁ ବିଶ୍ୱରାଜ ଅମୃତ ଦୃଷ୍ଟି<br>
ସୁଚିର ଜୀବନ ଲଭନ୍ତୁ ରାଜାରାଣୀ ଭବ ଭାରତରେ ।

ଅବା

Long live our king
Long live our boble king
Long live our gracious king
Long live our king.

ଆମେ ପାଠ ପଢୁଛୁ, ଶୃଂଖଳା ଶିଖିବୁ, ସଭ୍ୟ ହେବୁ, ନୋହିଲେ କଳାସାହେବ ହେବୁ କିପରି ? ଗାଁ ଗହଳିରେ ଇଂରେଜ ଶାସନ ବିରୁଦ୍ଧରେ ସ୍ୱରତ୍ତୋଳନ ଅସମ୍ଭବ । ଗାଁ ଚୌକିଦାର, ତା ଉପରେ ଦଫାଦାର ଓ ତା ଉପରେ ପ୍ରେସିଡ଼େଣ୍ଟ(ଏ ପ୍ରେସିଡ଼େଣ୍ଟ ରାଷ୍ଟ୍ରପତି ନୁହନ୍ତି, ଇଂରେଜ ସୃଷ୍ଟ ଏକପଦବୀ, ଯେଉଁମାନେ କେତେ ଗ୍ରାମ ବିଶିଷ୍ଟ ଏକ ଅଂଚଳ ଉପରେ କର୍ତ୍ତୃତ୍ୱ କରନ୍ତି) ସରକାର ବିରୋଧୀ ସାମାନ୍ୟ -ତମ ଘଟଣା ଥାନାରେ ଜଣାଇବାକୁ ଭାରପ୍ରାପ୍ତ ହୋଇଥାନ୍ତି ।

ଗାଁର କୃଷକ, ମୂଲିଆ, ତନ୍ତି, ନୀଳଚାଷୀ, ଝୋଟ ଚାଷୀ, ଲୁଣ ମାରୁଥିବା ଦାଣ୍ଡିଆ ଇତ୍ୟାଦି ନିଜ ନିଜ କର୍ମକ୍ଷେତ୍ରରେ ହତକର୍ମ ହୋଇ ଦୁଃଖ ନୈରାଶ୍ୟରେ କାଳାତିପାତ କରୁଥିଲେ । ଇଂରେଜମାନେ ଏ ଦେଶରେ ଉପନିବେଶ ବାଦ ଚଳାଇ ଦେଶରୀ ଶିଳ୍ପୀ, କାରୀଗର , କୃଷକ, ମୂଲିଆର ଜୀବିକାରେ ହସ୍ତକ୍ଷେପ କରି ଇଂଲଣ୍ଡର ଡ଼ାଣ୍ଡି, ଲଙ୍କାସାୟାର, ମାଞ୍ଚେଷ୍ଟାର ଇତ୍ୟାଦିରେ ଶିଳ୍ପ ବିକାଶ ସାଧନ କରି ଭାରତୀୟ ଶିଳ୍ପର କଣ୍ଠରୋଧ କରିବା ସହିତ ବାଣିଜ୍ୟ ଦ୍ୱାରା ଭାରତକୁ ଶୋଷଣ କଲେ ଯାହା ଫଳରେ ବାଞ୍ଛାନିଧି ଦୁଃଖରେ ଗାଇଥିଲେ-

କାହୁଁଅଇଲେ ବିଦେଶୁଁ ଏ ବେପାରୀ, ଆମେ ସାଇଲୁଁ ସବୁ ହେଲୁ ଭିକାରୀ । ସମସ୍ତ ଦେଶବାସୀଙ୍କ ଏହି ଆର୍ଥିକ ଦୁସ୍ଥିତି ତାଙ୍କ ଅନ୍ତରକୁ ବିଶେଷ ଆଲୋଡ଼ିତ ଓ ବ୍ୟଥିତ କରିଥିଲା ।

କିନ୍ତୁ ଏସବୁ ବୁଝିବା ପାଇଁ ଆମ ମୁଣ୍ଡର ବଶ ଏତେ ପ୍ରସାରିତ ହୋଇନଥାଏ । ବାଞ୍ଛାନିଧି କିଏ ? ଆମେ କିଏ ? ସ୍କୁଲରେ ଦରମା ଦେଇ ପାଠ ପଢିବା ଓ ଶନିବାର ଘରକୁ ଆସି ଦୁଧ, ଦହି, ଆମ୍ବ, ସପୁରୀ, ତାଳପୀଠା ଓ ମା ହାତରନ୍ଧା ବିଭିନ୍ନ ସୁଆଦର ମାଛ ତରକାରୀ ଖାଇବା ଆମ ସେବେର କାମ ଥିଲା । ଏହି ଶନିବାର ରବିବାରରେ କେବେ କେବେ ଜଣେ ଦୁଇଜଣ ଆଣ୍ଠୁ ପର୍ଯ୍ୟନ୍ତ ମୋଟା ଲୁଗା ଖଣ୍ଡିଏ ପିନ୍ଧି ଉପରେ ଖଣ୍ଡିଏ ଛୋଟ ଚଦର ପକାଇ ବେକକୁ ଝୁଲା ଓଳାଇ ଆମ ଘରେ ଆସି ପହୁଞ୍ଚିବାର ମୁଁ ଦେଖେ । ବାପା ତାଙ୍କୁ ଜଳଖିଆ ଖୁଆନ୍ତି ଓ ତାଙ୍କ ଠାରୁ ଲିଥୋ ଛପା ପ୍ରଜାତନ୍ତ୍ର ଖଣ୍ଡିଏ ନେଇ ଟଙ୍କେ ଦୁଇଟଙ୍କା ଦିଅନ୍ତି । ମା କହେ ସେମାନେ ଗାନ୍ଧି ଲୋକ କଂଗ୍ରେସ କରୁଛନ୍ତି । ଭାତ ଖାଇବସି ମାଙ୍କ ଉଦେଶ୍ୟରେ ବାପା କହନ୍ତି ଏମାନେ ଘୁରୁଛନ୍ତି ସିନା, ଇଂରେଜ ହାତରେ ଗୁଳାବାରୁଦ, ସେମାନେ କ'ଣ ସହଜରେ ଏ ଦେଶ ଛାଡ଼ିଯିବେ ଏ ପାଖ ଗାଁର ଜଣେ ଧନୀ , ଜମିଦାର ଓ ମହାଜନ ସେ ଆଇ.ଏ. ପାଶ କରିଥାନ୍ତି । ସେ ମୋତେ କେବେ କେବେ ପଚାରନ୍ତି ତୋ ଘରକୁ ସେ ଦୁଇଜଣ ଆସିଥିଲେ କି ? ଛାଡ଼ ଛାଡ଼ ଗାନ୍ଧି ସ୍ୱାଧୀନ କରିବ । ଇଂରେଜ ଶାସନ କରିବାକୁ ଆସିଛି, ଏମାନେ ଆନ୍ଦୋଳନ କଲେ ସେ ଛାଡ଼ିଦେବ ? ଛି,ଛି ଆରେ ଜୋର ଯାର, ମୁଲକ ତାର ତୁ କଣ କହୁଛୁ ? ବାଞ୍ଛାନିଧିଙ୍କ ହୃଦୟରେ ଗାନ୍ଧିଙ୍କର ଅହିଂସା ଅସହଯୋଗ ସେପରି କୌଣସି ପ୍ରଭାବ ପକାଇ ପାରି ନଥିଲା ପ୍ରାୟ, ତେଣୁ ସେ ଲୋକମାନଙ୍କୁ ଆହ୍ୱାନ ଦେଇ ଗାଇଥିଲେ-

କହ କହ କେଉଁଜାତି ପାଇଛି ମୁକତି କରି ହୁରି ହାରି ଗୁହାରୀ +++ ।

ସେତେବେଳେ ଶୁଣିବାର ମାଧମ ଆଜି ପରି ନଥିଲା । ଏବେ ଯେପରି ଭିଡ଼ିଓ ଗାଁକୁ ଗାଁ ବୋହିନେଇ ରାମାୟଣ ମହାଭାରତ ଦେଖାଉଛନ୍ତି, ସେତେବେଳେ ଏସବୁ ସ୍ୱପ୍ନ ଚୁଙ୍ଗାବାଲା ଫନୋଗ୍ରାମ ମୁଣ୍ଡେଇ କେହି କଦବା ଗାଁକୁ ଆସୁଥାନ୍ତି । ତାହାବି କେବଳ ଖରାଦିନରେ ଅନ୍ୟ ସମୟରେ ରାସ୍ତା ଅଭାବରୁ ଗମନା ଗମନ ଅସମ୍ଭବ । ଗାଁରୁ ଖାଇ ଚାରି / ପାଞ୍ଚ ଟଙ୍କା ଖର୍ଚ୍ଚ ନେଇ କୀର୍ତ୍ତନ ବା ଏଡିଠାରେ କିଛି ସଂଗୀତ ଶୁଣାଉଥିଲେ । କିନ୍ତୁ ଗାଁ ଚୌକିଦାର ଓ ଦଫାଦାରକୁ ହୁସିଆର । ୫ମ ଶ୍ରେଣୀ ବା ଦଶବର୍ଷ ବୟସ ବେଳକୁ ମାଷ୍ଟ୍ରେ ହାଟ ବଜାର ପାଇଁ ପଠାଇଲେ ଜଳେଶ୍ୱର ଯାଉ । ସେଠାରେ କେବେ କେବେ ସ୍ୱଦେଶୀ ଗୀତ ଶୁଣିବା ପାଇଁ ।

ସେତେବେଳେ ଭାରତରେ କେତେ କଣ ହେଉଥାଏ, ଆମେ କେମିତି ଜାଣିବୁ ? ଖବର କାଗଜ ବୋଇଲେ ଦୁଇଖଣ୍ଡି ସମାଜ କଟକରୁ ଓ ଦୈନିକ ଆଶା ବରହମପୁରୁ । ଗୋଟିଏ ଗାଁକୁ ଖଣ୍ଡିଏ ବି ଖବର କାଗଜ ଆସୁନଥାଏ । ପାଞ୍ଚ ସାତ ଖଣ୍ଡି ଗାଁରେ କାଗଜ ଯିଏ ଆସୁଥିବ ଓ କେଜାଣେ । ଆଣୁଥିବେ ପୁଣି ଜଣେ ଧନୀ ଜମିଦାର, ତାଙ୍କ ଘରକୁ ଯାଇ ଖବର କାଗଜଟିଏ ଆସୁଥିବ ତ କେଜାଣି ଆଣୁଥିବେ ପୁଣି ଜଣେ ଧନୀ ଜମିଦାର ତାଙ୍କ ଘରକୁ ଯାଇ ଖବର କାଗଜ ମାଗି ପଢିବାର ସାହାସ କାହାର ?

ତେବେ ନିଶ୍ଚିୟ କିଛି ଚମକପ୍ରଦ ଘଟଣା ଘଟୁଥିବା କେବେ କେବେ ଜନମୁଖରୁ ବା ବାଞ୍ଛାନିଧିଙ୍କ କବିତାରୁ ସୂଚନା ମିଳିଥାଏ । ସାଇମନ କମିସନ ବିଷୟରେ-

ସାଇମନ ରିପୋର୍ଟ ଲେଖା, ସରିଗଲା ହେଲା ବଜାରେ ବିକା

ସାତ ଭାଇ ସାଇମନ ନିଷ୍ଠେ ଦେବେ ଡ଼ୋମିନିୟନ

ରିପୋର୍ଟ ପଢିସାରି ମୋ ଭାଇ ମନ କିଆଁ ହୋଇଲା ଫିକା ।

ଗୀତଟି ଶୁଣିବାକୁ ଭାରି ମଜ୍ଜା ଲାଗୁଥାଏ କିନ୍ତୁ ଏହାର ମର୍ମ ଆମେ କ'ଣ ବୁଝିବୁ ?

ଜାତୀୟ ପତାକା ଜାତିର ଗର୍ବ ଗୌରବ ଓ ପ୍ରାଣ । ଏହା ରାଷ୍ଟ୍ରୀୟ ସାର୍ବଭୌମତ୍ୱର ପ୍ରତୀକ । ଏହି ପତାକାର ସମ୍ମାନ ରକ୍ଷାକରିବା ପ୍ରତ୍ୟେକ ଅଧିବାସୀର ଧର୍ମ ଓ କର୍ତ୍ତବ୍ୟ । ଆମେରିକାର ଗୃହ ଯୁଦ୍ଧ ରକ୍ଷାକରିବା ପ୍ରତ୍ୟେକ ଅଧିବାସୀର ଧର୍ମ ଓ କର୍ତ୍ତବ୍ୟ । ଆମେରିକାର ଗୃହଯୁଦ୍ଧ ବେଳେ ୯୦ ବର୍ଷିୟା ବାରବାରା ଫ୍ରିଚି ଜାତୀୟ କତାକାକୁ ଗୁଳି କରୁଥିବା ବିଦ୍ରୋହୀ ବାହିନୀର ସେନାପତିଙ୍କୁ ସସୈନ୍ୟ ତାଙ୍କ ଘର ଆଡ଼କୁ ଆସୁଥିବାର ଦେଖି ଘରର ଶିଖର ଭାଗରେ ଜାତୀୟ ପତାକାକୁ ଉତ୍ତୋଳନ କରି ସ୍ୱଦ୍ଧାର ସହିତ କହିଥିଲେ-

Shoot, if you must, this old grey head

But save your country's flag, She said.

ଫଳରେ ଗୃହଯୁଦ୍ଧରେ ପୂର୍ଣ୍ଣଛେଦ ପଡ଼ିଥିଲା ଜାତୀୟ ପତାକା ପ୍ରତି ଏହି ପ୍ରେମ ଓ ଭକ୍ତି ବାଞ୍ଛାନିଧିଙ୍କ ସଂଗୀତରେ ପ୍ରକଟିତ ହୋଇଥିଲା । ସେ ଉଦାତ୍ତ କଣ୍ଠରେ ଗାଇ ଉଠିଥିଲେ

ରେ ପତାକା ଜାତିର ଗରବ, ଜାତିର ଜୀବନ ପରାଣ ତୁହିରେ ।

ଏହି ପତାକା ତଳେ ଏକତ୍ର ହୋଇ ଜାତି ତାର ସ୍ୱାଧୀନତା ଛଡ଼ାଇ ଆଣି ପାରିବ ଓ ରକ୍ଷାକରି ପାରିବ । ଚାରଣ କବିଙ୍କ ଆଶା ପୂର୍ଣ୍ଣ ହୋଇଛି ସ୍ୱାଧୀନତା ପ୍ରାପ୍ତିରେ କିନ୍ତୁ କି ହେବ ଏ ସ୍ୱରାଜ୍ୟ ଘେନି ? ପ୍ରଶ୍ନର ଉତ୍ତର ମିଳିବାକୁ ବାକି ଅଛି ।

ପୂର୍ବତନ ପ୍ରଧାନ ଶିକ୍ଷକ

ଗୋପୀନାଥପୁର, ଚମୌଜା, ଜଳେଶ୍ୱର